# ଛଦେଶ ବ୍ଲକ ଗଠନ ଦାବି ଜୋର ଧରିଲା

ଢେଙ୍କାନାଳ,୧୨।୩(ରତନ ନାୟାର)


ଛଦେଶ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରୁଛନ୍ତି।

ଢେଙ୍କାନାଳ ଜିଲାର ଛଦେଶ ଅଞ୍ଚଳକୁ ନେଇ ଏକତ୍ରକରି ଛଦେଶ ବ୍ଲକ ଗଠନ ଦାବି ଜୋର ଧରିଛି। ଛଦେଶ ଅଞ୍ଚଳବାସୀ ବୁଧବାର ବହୁ ସଂଖ୍ୟାରେ ଆସି ଜିଲା କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ ଗଡର ଦକ୍ଷିଣରେ ବର୍ତ୍ତମାନର କଟକ ଜିଲା ଟିଗିରିଆ ବ୍ଲକ ତଥା ଟିଗିରିଆ ଗଡଜାତ, ପଶ୍ଚିମରେ ଢେଙ୍କାନାଳ ଜିଲାର ହିନ୍ଦୋଳ ଗଡ଼ଜାତ। ବର୍ତ୍ତମାନର ହିନ୍ଦୋଳ ବ୍ଲକ। ପୂର୍ବରେ କଟକ ଜିଲାର ଆଠଗଡ଼ ବ୍ଲକ ତଥା ଆଠଗଡ଼ ଗଡ଼ଜାତ ରହିଛି। ଏହି ଅଞ୍ଚଳରୁ ଦୁଇଭାଗ କରି ଢେଙ୍କାନାଳ ଜିଲାର ସଦର ବ୍ଲକ ଓ ଅନ୍ୟ ଭାଗକୁ ଓଡାପଡା ବ୍ଲକକୁ ମିଶାଇ ଛଦେଶର ଗରିମାକୁ ପ୍ରତିହତ କରାଯାଇଛି। ଦୀର୍ଘ ୭୮ବର୍ଷ ଧରି ଛଦେଶ ମାଟିକୁ ଭାଗଭାଗ କରି ସାଧାରଣ ଜନତାଙ୍କୁ ଅନେକ ଦୁଃଖ ଯନ୍ତ୍ରଣା ପ୍ରଦାନ କରାଯାଇଛି ବୋଲି ଅଞ୍ଚଳବାସୀ କୁହନ୍ତି। ଛଦେଶର ଭୌଗଳିକ ଯୋଗାଯୋଗ, ସାମାଜିକ ଓ ସାଂସ୍କୃତିକ ଏକତାକୁ ଭାଗଭାଗ କରି ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ, ଜଳସେଚନ ଓ ଆଞ୍ଚଳିକ ଉନ୍ନୟନ କ୍ଷେତ୍ରରେ ବହୁ ପଛରେ ପକାଇ ଦିଆଯାଇଛି। ଏଠାରୁ ଲୋକମାନଙ୍କୁ ଓଡାପଡା ବ୍ଲକ ମହକୁମା ସହ ଯୋଗାଯୋଗ ପାଇଁ ୬୦କିଲୋମିଟର ଦୂର ଅତିକ୍ରାନ୍ତ କରିଥିବା ବେଳେ ସହକାରୀ କାର୍ଯ୍ୟାଳୟରୁ ବାରମ୍ବାର ନିରାଶ ହେବାକୁ ପଡୁଛି। ବର୍ତ୍ତମାନ ଛଦେଶ ଅଞ୍ଚଳରେ ୧୪ଗୋଟି ଗ୍ରାମପଞ୍ଚାୟତ ରହିଛି। ଗ୍ରାମପଞ୍ଚାୟତ ପୁର୍ନଗଠନ ହେଲେ ଏହାର ସଂଖ୍ୟା ଅଧିକ ବଢିବ। ଛଦେଶ ଅଂଚଳଠାରୁ ବହୁ ଛୋଟ ଅଞ୍ଚଳକୁ ପ୍ରାରମ୍ଭରୁ ବ୍ଲକର ମାନ୍ୟତା ପ୍ରଦାନ କରାଯାଇଥିବା ନଜିର ରହିଛି। ଏଥିପୂର୍ବରୁ ବିଭିନ୍ନ ସ୍ତରରେ ଛଦେଶ ବ୍ଲକ ଗଠନ ପାଇଁ ସରକାରଙ୍କ ନିକଟରେ ଦାବି ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭିର କ୍ଷୋଭ ପ୍ରକାଶ ପାଇଛି। ଛଦେଶ ବ୍ଲକ ଗଠନ ପାଇଁ ଛଦେଶ ବ୍ଲକ ସଂଗ୍ରାମ ସମିତି ଦ୍ୱାରା ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିବା ଉକ୍ତ ଅଂଚଳର ଅର୍ଜୁନ ସାହୁ, ହର୍ଷବର୍ଦ୍ଧନ ସିଂହଦେଓ, ସୁରେଶ ପାଣିଗ୍ରାହୀ, ବିଷ୍ଣୁପ୍ରସାଦ ଲେଙ୍କା, ଜିଲା ପରିଷଦ ସଭ୍ୟ ଅଶୋକ ପରିଡା, ରାଜ କୁମାର ପ୍ରଧାନ ଓ ରମେଶ ସାମଲଙ୍କ ସମେତ ବହୁ ଅଞ୍ଚଳବାସୀ ସୂଚନା ଦେଇଥିଲେ।

# ଲଣ୍ଡନ ଓ ଆୟର୍ଲାଣ୍ଡ ଗଲା ଢେଙ୍କାନାଳର ଗ୍ରୀନ୍ ଅମୃତଭଣ୍ଡା

ଢେଙ୍କାନାଳ,୧୨।୩(ରତନ ନାୟାର)



ଆମ୍ବ ପରେ ଢେଙ୍କାନାଳର ଅମୃତଭଣ୍ଡାର ଚାହିଦା ବିଦେଶରେ ବଢିବାରେ ଲାଗିଛି। ଏହାର ସୁସ୍ୱାଦକୁ ନେଇ ବିଦେଶରେ ଲୋକମାନେ ଏହି ଅମୃତଭଣ୍ଡା ପ୍ରତି ଅଧିକ ଆଗ୍ରହ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ପାଇଁ ଗ୍ରୀନ ଅମୃତଭଣ୍ଡା ଏକ ପ୍ରମୁଖ ପରିବା ହେଇଥିବାରୁ ଏହାର ଚାହିଦା ଦେଶବିଦେଶରେ ବଢିବାରେ ଲାଗିଛି। ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟାରୁ ସପ୍ତଶଯ୍ୟା ଆଗ୍ରୋ ପ୍ରଡୁସର କମ୍ପାନୀର ୧୪ଜଣ ମହିଳା ଚାଷୀଙ୍କ ଦ୍ୱାରା ଚାଷ ହେଉଥିବା ୧ଟନ ଅମୃତଭଣ୍ଡା ସଂଗ୍ରହ କରି ଗତ ସପ୍ତାହରେ ଲଣ୍ଡନକୁ ରପ୍ତାନୀ କରାଯାଇଛି। ସେହିପରି ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଘଟିପିରି ଅଞ୍ଚଳରୁ ମଦନ ମୋହନ କୋପରେଟିଭ୍ ସୋସାଇଟି ମାଧ୍ୟମରେ ଆୟାର୍ଲାଣ୍ଡର ଡବଲିନ ସହରକୁ ଗ୍ରୀନ ଅମୃତଭଣ୍ଡା ରପ୍ତାନି କରାଯାଇଛି। ପ୍ରଥମକରି ଢେଙ୍କାନାଳର ଅମୃତ ଭଣ୍ଡାକୁ ବିଦେଶକୁ ରପ୍ତାନି କରାଯାଇଥିବା ଜଣାପଡିଛି। ମହିଳା ଚାଷୀ ମାନଙ୍କ ଭିତରୁ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ବୋଲି ଜଣାପଡିଛି। ଆପେଡା(ଏଗ୍ରିକଲଚରାଲ ଆଣ୍ଡ୍ ପ୍ରୋସେସଡ୍ ଫୁଡ ପ୍ରଡକ୍ଟ ଏକ୍ସପର୍ଟ ଡେଭେଲପମେଣ୍ଟ ଅଥରିଟି) ମାଧ୍ୟମରେ ଢେଙ୍କାନାଳର ଅମୃତ ଭଣ୍ଡାକୁ ବିଦେଶକୁ ରପ୍ତାନି କରାଯାଇଛି। ଏଥିରେ ଚାଷୀମାନେ ବେଶ୍ ଲାଭବାନ ହୋଇପାରିବେ। ଏଥିପୂର୍ବରୁ ଢେଙ୍କାନାଳର ଆମ୍ବଚାଷୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଆମ୍ବକୁ ଦୁବାଇ ରପ୍ତାନି କରାଯାଇଥିଲା। ଢେଙ୍କାନାଳ ଜିଲାରେ ଅମୃତଭଣ୍ଡା ଓ ଆମ୍ବ ଆଦି ଫଳର ଚାହିଦା ଦେଶ ବିଦେଶରେ ବଢୁଥିବା ବେଳେ ଏଥିରେ ନିର୍ଭରଶୀଳ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଶୀତଳ ଭଣ୍ଡାରର ଜରୁରୀ ଆବଶ୍ୟକତା ରହିଛି। ଅନ୍ୟପଟରେ ଜିଲାର ସଦର ବ୍ଲକ ଗୋବିନ୍ଦପୁରଠାରେ ଜାତୀୟ ରାଜପଥ କଡରେ ବନ୍ଦହୋଇ ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ମ୍ୟାଙ୍ଗୋ ହବ୍ ତଥା ଫଳ, ପନିପରିବା ସଂରକ୍ଷଣ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି। ଏ ସଂକ୍ରାନ୍ତରେ ଜିଲା ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢୀ କୁହନ୍ତି, ଢେଙ୍କାନାଳ ଜିଲାରେ ପ୍ରଥମକରି ସପ୍ତଶଯ୍ୟା ଆଗ୍ରୋ ପ୍ରଡୁସର କମ୍ପାନୀ ଓ ଘଟିପିରିର ମଦନ ମୋହନ କୋପରେଟିଭ୍ ସୋସାଇଟି ମାଧ୍ୟମରେ ଆପେଡା ସହାୟତାରେ ଲଣ୍ଡନ ଓ ଆୟାରଲାଣ୍ଡକୁ ରପ୍ତାନି ହୋଇଛି। ଏହାଦ୍ୱାରା ଜିଲାର ଚାଷୀମାନେ ବେଶ୍ ପ୍ରୋତ୍ସାହିତ ହେଉଛନ୍ତି। ଏଭଳି ପଦକ୍ଷେପ ଚାଷୀ ମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ କରିବ ବୋଲି ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କହିଥିଲେ।

# ମହିଳା ଦିବସରେ ରୋଗୀମାନଙ୍କୁ ଖାଦ୍ୟ ବଣ୍ଟନ

ଢେଙ୍କାନାଳ,୧୨।୩(ରତନ ନାୟାର)

ସାଇ ସତସଙ୍ଗ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଥିଲା। ଟ୍ରଷ୍ଟର ମହିଳା ସଂପାଦିକା ଶାନ୍ତିଲତା ବେହେରା, ଯୁଗ୍ମ ସଂପାଦିକା ଶକୁନ୍ତଳା ସାହୁ, ସଂଯୋଜିକା ସନ୍ତୋଷୀ ମାଝି ପ୍ରମୁଖ ଯୋଗଦେଇ ମହିଳାଙ୍କ ସମ୍ମାନ, ସ୍ୱାଭିମାନ ଓ ସୁରକ୍ଷା, ସାମାଜିକ, ଆର୍ଥିକ କ୍ଷେତ୍ରରେ ସମାନ ଭାଗିଦାର ରହିବା ଦରକାର। ମହିଳା ମାନଙ୍କୁ ସଶକ୍ତ କରିବା ସହିତ ଶିକ୍ଷା ରୋଜଗାର ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ମହିଳାଙ୍କ ସମାନ ଅଂଶୀଦାର ବୃଦ୍ଧି କରାଇବା, ମହିଳାଙ୍କୁ ନେଇ ଆମ ସମାଜରେ ଭେଦଭାବ, ହିଂସା ଓ ସାମାଜିକ ବ୍ୟାଧିର ସାମ୍ନା କରିବାକୁ ପଡୁଛି ଯାହାକି ମହିଳାଙ୍କ ବିକାଶରେ ବାଧା ସୃଷ୍ଟି କରୁଛି କହିଥଇଲେ। ଟ୍ରଷ୍ଟର ଅଧକ୍ଷ ଶିବ ପ୍ରସାଦ ପଣ୍ଡା ଯୋଗଦେଇ ଆଜିର ଦିନର ସଂକଳ୍ପ ହେଉଛି ପୁରୁଷ ଓ ମହିଳା ଲିଙ୍ଗଗତ ଭେଦଭାବରୁ ଉର୍ଦ୍ଧ୍ୱରେ ରହି ମିଳିମିଶି ସମାଜ ଗଠନ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମହିଳା ଦିବସ ଉପଲକ୍ଷେ ଟ୍ରଷ୍ଟ ତରଫରୁ ଶୁଭଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା ଏବଂ ମନ୍ଦିର ସାମ୍ନାରେ ବସୁଥିବା ଅସହାୟ ମାନଙ୍କୁ ଖାଦ୍ୟ ବିତରଣ କରାଯାଇଥିଲା. ଏହି କାର୍ଯ୍ୟକୁ ଅନୁଷ୍ଠାନର ସ୍ୱର୍ଣ୍ଣପ୍ରଭା ପ୍ରଧାନ, ମାନସୀ ଦେଇ, ମାଳବିକା ସ୍ୱାଇଁ ସୁହାସିନୀ ପାତ୍ର, ହରପ୍ରିୟା ମହାପାତ୍ର, ଅରୂପ ପରିଜା ଓ ଚିତରଞ୍ଜନ ବିଶ୍ୱାଳ ଓ ଲକ୍ଷ୍ମୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଟ୍ରଷ୍ଟର ମହିଳାମାନେ ମେଡିକାଲରେ ରୋଗୀମାନଙ୍କୁ ଖାଦ୍ୟ ବଣ୍ଟନ କରୁଛନ୍ତି।

# ଆଶାକର୍ମୀଙ୍କ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ



ବିଭିନ୍ନ ଦାବିନେଇ ଆଶା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଢେଙ୍କାନାଳ,୧୨।୩(ରତନ ନାୟାର)

ଢେଙ୍କାନାଳ ସହର ମା'ବୁଢ଼ୀ ଠାକୁରାଣୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆଶାକର୍ମୀମାନେ ବାହାରି ବୁଧବାର ଜିଲା କାର୍ଯ୍ୟାଳୟଠାରେ ପହଁଚିଥିଲେ। ଭାରତୀୟ ମଜଦୁର ସଂଘ ଢେଙ୍କାନାଳ ଜିଲା ପ୍ରଭାରୀ ଶ୍ରମିକ ନେତା ଶ୍ରୀନିବାସ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ୧୦ଦଫା ଦାବି ସମ୍ବଳିତ ଏକ ଦାବୀପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡକ ମଧ୍ୟରେ ସର୍ବନିମ୍ନ ମାସିକ ୧୮ ହଜାର, ଆଶାକର୍ମୀମାନଙ୍କୁ ଇପିଏଫ୍ ଏବଂ ଇଏସ୍ଆଇ ଅନ୍ତର୍ଭୁକ୍ତ କରି ସମାଜିକ ସୁରକ୍ଷା ପ୍ରଦାନ, କାର୍ଯ୍ୟରତ ସମୟରେ ଦୁର୍ଘଟଣାଗ୍ରସ୍ତ ମୃତକମାନଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ, ସେବା ନିବୃତ ସମୟରେ ଏକକାଳୀନ ୧୦ ଲକ୍ଷ ଟଙ୍କା ପ୍ରଦାନ, ଅଭିଜ୍ଞ ଆଶାକର୍ମୀମାନଙ୍କୁ ଟୀକାକରଣ ତାଲିମ୍ ପ୍ରଦାନ, ବର୍ଷକୁ ଦୁଇଥର ୟୁନିଫର୍ମ ପ୍ରଦାନ, ଡାକ୍ତରଖାନାରେ ଆଶା ବିଶ୍ରାମ ଗୃହ ଓ ଗ୍ରାମରେ ଆଶାକେନ୍ଦ୍ର ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଆଶାସଂଘ ଜିଲାନେତ୍ରୀ ସୁପ୍ରଭା ପ୍ରଧାନ, ଜିଲା ସମ୍ପାଦିକା ରେବତୀ ବରାଳଙ୍କ ସମେତ କୁମାର ସାହୁ, ସୁମିତ୍ରା ବେହେରା, ମିନାରାଣୀ ମହାନ୍ତି, ମିନାକ୍ଷୀ ମହାନ୍ତି ଓ ଭାରତୀୟ ମଜଦୂର ସଂଘ ଜିଲା ସଭାପତି ଅନୀଲ ଭୂତିକା, ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ୧୦ଦଫା ଦାବୀ ସମ୍ବଳିତ ଏକ ଲିଖିତ ଦରଖାସ୍ତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଆଶାକର୍ମୀ ଯୋଗ ଦେଇଥିଲେ। ଶେଷରେ ଜିଲା ସହ ସମ୍ପାଦକ ଶିବାଶକ୍ତି ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ଅଭାବ ପାଇଁ ଗୁଣ୍ଡୁରାପଶି ପଞ୍ଚାୟତର ଉ.ପ୍ରା. ସ୍କୁଲ ବନ୍ଦ

ଢେଙ୍କାନାଳ,୧୨।୩(ରତନ ନାୟାର)

ଗତ ଏକବର୍ଷରୁ ଅଧିକ ଧରି ଗନ୍ଦିଆ ବ୍ଲକର ଗୁଣ୍ଡୁରପଶି ପଞ୍ଚାୟତର ଏକ ମାତ୍ର ଉ.ପ୍ରା. ସ୍କୁଲ ଜିଲା ଶିକ୍ଷା ବିଭାଗର ଉଦାସୀନତା ପାଇଁ ଶିକ୍ଷକ ଅଭାବରୁ ବନ୍ଦ ହୋଇଯାଇଛି। ଏହି ବିଷୟରେ ଗ୍ରାମବାସୀ ବାରମ୍ବାର ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏହି ସ୍କୁଲରେ ଥିବା ଜନୈକ ପ୍ରଧାନ ଶିକ୍ଷକ ଅବସର ନେବା ପରେ ସ୍କୁଲର ଶିକ୍ଷକ ପଦବୀ ଖାଲି ପଡିଥିଲା ଓ ତାହା ପୂରଣ ହୋଇନପାରିବା ଯୋଗୁ ସ୍କୁଲଟି ଦିର୍ଘ ଏକ ବର୍ଷରୁ ଅଧିକା ଧରି ତାଲା ପଡ଼ିରହିଛି। ଏହି ସ୍କୁଲଟି ଗୁଣ୍ଡୁରପୋଷୀ ପଞ୍ଚାୟତର ଏକ ମାତ୍ର ସ୍କୁଲ ହୋଇଥିବା ଦୃଷ୍ଟିରୁ ଗ୍ରାମ ପଞ୍ଚାୟତର ଛାତ୍ରୀଛାତ୍ରମାନେ ପାଖ ପଞ୍ଚାୟତ ବିଧାରପୁରକୁ ପାଠ ପଢ଼ିବାକୁ ଯାଉଛନ୍ତି। ରାଜ୍ୟରେ ନୂଆ ସରକାର ଆସିବାର ୯ମାସରୁ ଅଧିକ ହୋଇଥିଲେ ମଧ୍ୟ ଜନ ପ୍ରତିନିଧିମାନଙ୍କ ଦୃଷ୍ଟି ବିଦ୍ୟାଳୟ ଉପରେ ଆସିନଥିବା ଅଞ୍ଚଳବାସୀ କୁହନ୍ତି। ଏକ ସାମାଜିକ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ନବୀନ ନନ୍ଦ ସେହି ଗ୍ରାମକୁ ଯାଇଥିବା ବେଳେ ଗ୍ରାମବାସୀ ଏହା ପ୍ରକାଶ କରି କ୍ଷୋଭ ବ୍ୟକ୍ତ କରିଥିଲେ। ତେଣୁ ମଙ୍ଗଳବାର ପୂର୍ବତନ ବିଧାୟକ ଶ୍ରୀ ନନ୍ଦ ମେଲ୍ ଯୋଗେ ଏହାର ବିସ୍ତୃତ ଘଟଣା ରାଜ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଜଣାଇ ଏହାର ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ଏହାର ଏକକିତା ନକଲ ଜିଲାପାଳ, ଶାସନ ସଚିବ, ସ୍କୁଲ ଓ ଗଣ ଶିକ୍ଷା ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରଧାନ କରାଯାଇଛି।

# ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ଓଡ଼ପଡ଼ା, ୧୨।୩ (ରଞ୍ଜିତ ନାୟକ)



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧଳପୁରରେ ବୁଧବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଚତୁର୍ଥ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଓଡାପଡା ସଂକୁଳର ପୂର୍ବତନ ସଂକୁଳ ପ୍ରମୁଖ ଘନଶ୍ୟାମ ସାମଲ ମୁଖ୍ୟ ଅତିଥି, ଓଡ଼ିଶା ପ୍ରବଚକ ସଙ୍ଗର ସଭାପତି ପ୍ରତାପ କିଶୋର ନନ୍ଦ ସମ୍ମାନିତ ଅତିଥି, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଢେଙ୍କାନାଳ ଜିଲାର ସହ ସଂଘଚାଳକ ଶକ୍ତି ପ୍ରସାଦ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ କରିଥିଲେ। ପରିଚାଳନା ସମିତିର ସଦସ୍ୟା ସ୍ୱର୍ଣ୍ଣଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିମାଗାଦିରେ ଫାଲ୍‌ଗୁନ ଚତୁର୍ଦ୍ଦଶୀ ପାଳିତ

ଢେଙ୍କାନାଳ,୧୨।୩(ରତନ ନାୟାର)



ଢେଙ୍କାନାଳ ଜିଲା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିରେ ଫାଲଗୁନ ଚତୁର୍ଦ୍ଦଶୀ ବୁଧବାର ପାଳିତ ହୋଇଯାଇଛି। ସନ୍ଧ୍ୟା ୫ଟା ୫୫ ମିନିଟରେ ଗାଦି ମନ୍ଦିରରେ ଝାଡ ଦ୍ୱୀପରେ ଅଗ୍ନି ସଂଯୋଗ ହୋଇଥିଲା। ଚତୁର୍ଦ୍ଦଶୀ ଉପଲକ୍ଷେ ମହିମାଗାଦିରେ ପ୍ରାତଃ ସମୟରୁ ରାତି ୮ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ସାଧୁ, ଭକ୍ତ, ପର୍ଯ୍ୟଟକ, ସ୍ଥାନୀୟ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରାତଃ ସମୟରୁ ଗାଦି ମନ୍ଦିର, ଅଖଣ୍ଡ ଜ୍ୟୋତି ମନ୍ଦିର ସମେତ ସମସ୍ତ ଉପାସନା ପୀଠରେ ମହିମା ସ୍ୱାମୀଙ୍କର ସମସ୍ତ ନୀତି ସଂପନ୍ନ କରାଯାଇଥିଲା। ମଧ୍ୟାହ୍ନ ନୀତି ଶେଷ ହେବାପରେ ଅପରାହ୍ନ ୩ଟା ସମୟରେ ସାନ୍ଧ୍ୟନୀତି ଆରମ୍ଭ ହୋଇଥିଲା। ପ୍ରଥମେ ଝାଡୁ ଦ୍ୱାରା ଗାଦି ମନ୍ଦିରକୁ ଶୋଧନ କରାଯାଇଥିଲା। ବରିଷ୍ଠ ନୀତି ସନ୍ନ୍ୟାସୀ ମାନେ ମନ୍ଦିରରେ ଚନ୍ଦନ, ଅଗୁରୁ ସିଂଚନ କରି ପବିତ୍ର କରିବା ସହିତ ଛେରାପହଁରା କରିଥିଲେ। ଗାଦି ମନ୍ଦିରରେ ଚାମର ସେବା ପରେ ସନ୍ଧ୍ୟା ୫ଟା ୫୫ମିନିଟ୍ ସମୟରେ ପଶ୍ଚିମପାର୍ଶ୍ୱ ଝାଡ ଦ୍ୱିପରେ ଅଗ୍ନି ସଂଯୋଗ କରାଯାଇ ପ୍ରଜ୍ୱଳିତ କରାଯାଇଥିଲା। ତା ପରେ ପୂର୍ବ, ଉତ୍ତର ଓ ଦକ୍ଷିଣ ପାର୍ଶ୍ୱରେ ବତୀ ଲଗାଯାଇଥିଲା। ଭଜନ ନୀତି ସେବକମାନେ ଭଜନ କରିଥିଲେ। ଗାଦି ମନ୍ଦିରଠାରେ ସଭାପତି ସୁକଦେବ ବାବା, ସଂପାଦକ ନିତ୍ୟାନନ୍ଦ ବାବାଙ୍କ ପରାମର୍ଶ କ୍ରମେ କମିଟି ବାବା ପ୍ରଫୁଲ୍ଲ ବାବା, ସୁବ୍ରତ ବାବା, ବନମାଳୀ ବାବା, ଅମୃତ ବାବା, ଯୋଗୀ ବାବା, ବଳରାମ ବାବା ପ୍ରମୁଖ ବହୁ ସନ୍ନ୍ୟାସୀ ଚତୁର୍ଦ୍ଦଶୀରେ ମହିମାଗାଦିରେ ଝାଡନୀତିରେ ସାମିଲ ହୋଇଥିଲେ। ଚତୁର୍ଦ୍ଦଶୀ ଅବସରରେ କୌପୀନଧାରୀ ମହିମା ସମାଜ ସଭାପତି ରଘୁନାଥ ବାବା, ସଂପାଦକ ସୁଶାନ୍ତ ବାବା ଓ ବରିଷ୍ଠ ସନ୍ନ୍ୟାସୀ ଅବିନାଶୀ ବାବା, ସଞ୍ଜୟ ବାବା, ଅଲେଖ ଦାସ ପ୍ରମୁଖ ଅଖଣ୍ଡଜ୍ୟୋତି ମନ୍ଦିରରେ ଝାଡନୀତି ପରିଚାଳନା କରିଥିଲେ। ଶୂନ୍ୟ ମନ୍ଦିର, ଧୂନୀ ମନ୍ଦୀର, ବତୀ ମନ୍ଦିର ଆଦି ଉପାସନା ପୀଠରେ ଚତୁର୍ଦ୍ଦଶୀ ନୀତି କରାଯାଇଥିଲା।

# ବାରମ୍ବାର ଚୋରି ରୋକିବା ଦାବିରେ ରାସ୍ତାରୋକୋ



କାମାକ୍ଷାନଗର, ୧୨।୩ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅଁଳାବେରେଣି ବଜାରରେ ଥିବା ଦୋକାନରୁ ବାରମ୍ବାର ଚୋରି ହେଉଛି। ଘଟଣା ନେଇ ପୋଲିସ ପାଖରେ ଅଭିଯୋଗ କଲେ କୌଣସି ସୁଫଳ ମିଳୁନାହିଁ। ଫଳରେ ବାରମ୍ବାର ଚୋରି ରୋକିବା ଦାବିରେ ଦୋକାନୀମାନେ ଅଁଳାବେରେଣିଠାରେ କାମାକ୍ଷାନଗର ଢେଙ୍କାନାଳ ମୁଖ୍ୟ ରାସ୍ତାକୁ ଅବରୋଧ କରିଛନ୍ତି। ଗତ କିଛି ଦିନ ହେବ ବିଳମ୍ବିତ ରାତିରେ ବଜାରରେ ଥିବା ବିଭିନ୍ନ ଦୋକାନରୁ ଚୋରି ହୋଇଚାଲିଛି। ଘଟଣା ନେଇ ବ୍ୟବସାୟୀମାନେ ପୋଲିସକୁ ଜଣାଇଥିଲେ ମଧ୍ୟ କୌଣସି ଚୋରକୁ ଧରାଗଲା ନାହିଁ। ଫଳରେ ମଙ୍ଗଳବାର ରାତିରେ ବଜାର ଥିବା ଏକ ସୁନା ଦୋକାନ ଓ ଗ୍ରୋସୋରି ଦୋକାନରୁ ଚୋରି ହୋଇଥିଲା। ସୁନା ଦେକାନି ବନ୍ଦ କରୁଥିବା ସମୟରେ ୪ଜଣ ଦୁର୍ବୃତ୍ତ ୨ଟି ମୋଟର ସାଇକେଲରେ ଆସି ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସୁନା, ରୁପା ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ତେବେ ବାରମ୍ବାର ଏହିଭଳି ଭାବରେ ଚୋରି ସଂଖ୍ୟା ବଢିବା ଯୋଗୁ ବ୍ୟବସାୟୀମାନେ ରାସ୍ତାରୋକୋ କରି ରାତିରେ ପାଟ୍ରୋଲିଂ କଡ଼ାକଡ଼ି ଭାବେ କରିବା ସହ ବଜାରେ ପୋଲିସ ମୁତୟନ କରିବା ପାଇଁ ଦାବି କରିଛନ୍ତି। ରାସ୍ତାରୋକେ ଫଳରେ ଢେଙ୍କାନାଳ କାମାକ୍ଷାନଗର ରାସ୍ତାର ଅଁଳାବେରେଣୀ ନିକଟରେ ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଛି। ଖବର ପାଇ ଘଟଣା ସ୍ଥଳରେ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର ତୁମୁସିଙ୍ଗା ପୋଲିସ ସହ ପହଞ୍ଚି ବ୍ୟବସାୟୀଙ୍କୁ ବୁଝାସୁଝା କରି ପୋଲିସ ମୁତୟନ ସହ ପାଟ୍ରୋଲିଂ କଡାକଡି କରିବାକୁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

# ବଡ଼ମ୍ବାରୁ ଅସୁସ୍ଥ ହାତୀଛୁଆ କପିଳାସ ଆସିଲା

ଢେଙ୍କାନାଳ ୧୨।୩ (ରତନ ନାୟାରା)

କଟକ ଜିଲ୍ଲା ବଡ଼ମ୍ବା ବନାଞ୍ଚଳରୁ ଅସୁସ୍ଥ ହୋଇ ଉଦ୍ଧାର ହୋଇଥିବା ଅଣ୍ଡିରା ହାତୀଛୁଆକୁ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ବୁଧବାର ସନ୍ଧ୍ୟାରେ ଅଣାଯାଇଛି। ହାତୀଟିର ବୟସ ପ୍ରାୟ ୨/୩ମାସ ହେବ ବୋଲି ବନବିଭାଗ ପକ୍ଷରୁ ଜଣାପଡ଼ିଛି। ବଡ଼ମ୍ବାଠାରେ ହାତୀକୁ ଉଦ୍ଧାର କରିବା ପରେ ବନ କର୍ମଚାରୀମାନେ ଚିକିତ୍ସା କରୁଥିଲେ। ଅଧିକ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ରକୁ ଅଣାଯାଇଛି।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଢେଙ୍କାନାଳ,୧୨।୩(ରତନ ନାୟାର)



ଢେଙ୍କାନାଳ ଜିଲା ଓଡାପଡା ବ୍ଲକ୍ ସ୍ୱଚ୍ଛାସେବୀ ସାମାଜିକ ଅନୁଷ୍ଠାନ ନିସ୍ୱାର୍ଡ ଓ ନେହେରୁ ଯୁବକେନ୍ଦ୍ର 'ମୋ ଭାରତ' ମିଳିତ ଆନୁକୂଲ୍ୟରେ ଗଦାଶିଳା ଗ୍ରାମପଞ୍ଚାୟତ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆଠାରେ ବ୍ଲକ୍‌ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କ୍ରୀଡା ପ୍ରତିଯୋଗୀମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡାବିତ୍ ଗଙ୍ଗାଧର ରାଉତ, କାନାଡା ବ୍ୟାଙ୍କ ବାରଦା ଶାଖାର ପ୍ରବନ୍ଧକ ଅଧିକାରୀ ବିଷ୍ଣୁ ପ୍ରସାଦ ଦାସ, ବିଦ୍ୟାଳୟ କମିଟି ସଦସ୍ୟ ରାଜକିଶୋର ରାଉତ ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀ, ଯୁବପିଢିମାନଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ଏକମାତ୍ର ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତିଯୋଗିତାରେ ବାଳକମାନଙ୍କ ମଧ୍ୟରେ ଫୁଟ୍‌ବଲ୍, ବାସ୍କେଟ୍ ବଲ୍ ଓ ବାଳିକାମାନଙ୍କ ମଧ୍ୟରେ ସ୍ଲୋ ସାଇକେଲ୍ ରେସ୍, ବ୍ୟାଡ୍‌ମିଣ୍ଟନ୍, ରିଲେ ରେସ୍ ଓ ଟାଇକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ତୃପ୍ତିମୟୀ ରାଣା ଓ ପୂର୍ବତନ କ୍ରୀଡା ଶିକ୍ଷକ ପୁରୁଷୋତମ ରାଉତ କ୍ରୀଡା ପ୍ରତିଯୋଗିତାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୫୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅନୁଷ୍ଠାନର ପ୍ରମୁଖ ସଦସ୍ୟ ଜଗବନ୍ଧୁ ସ୍ୱାଇଁ କ୍ରୀଡା ପରିଚାଳନାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ।

# ଗଣମାଧ୍ୟମ ଓ ସାମ୍ବାଦିକତାରେ କ୍ୟାରିୟରର ସୁଯୋଗ ଉପରେ କାର୍ଯ୍ୟକ୍ରମ

ଢେଙ୍କାନାଳ,୧୨।୩(ରତନ ନାୟାର)


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଭାରତୀୟ ଜନ ସଂଚାର ସଂସ୍ଥାନ (ଆଇଆଇଏମ୍‌ସି) ଢେଙ୍କାନାଳ ଏବଂ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର କ୍ୟାରିୟର କାଉନ୍‌ସେଲିଂ ସେଲ୍‌ର ମିଳିତ ଆନୁକୂଲ୍ୟରେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ 'ଗଣମାଧ୍ୟମ ଓ ସାମ୍ବାଦିକତାରେ କ୍ୟାରିୟର ସୁଯୋଗ' ସମ୍ପର୍କରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଏମସି ଢେଙ୍କାନାଳ ଇଂରାଜୀ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ୍, ଓଡ଼ିଆ ସାମ୍ବାଦିକତା ବିଭାଗର ସହକାରୀ ପ୍ରଫେସର ଡ. ଚିରସ୍ରୋତା ଜେନା ଓ ଆକାଡେମିକ ଆସୋସିଏଟ୍ ସନତ ପାଢ଼ୀ ଯୋଗଦେଇ ଗଣମାଧ୍ୟମ, ସାମ୍ବାଦିକତା ଓ ଯୋଗାଯୋଗ କ୍ଷେତ୍ରରେ ଥିବା କ୍ୟାରିୟର ସୁଯୋଗ ସଂପର୍କରେ ଆଲୋଚନା କରିଛନ୍ତି। ଆଇଆଇଏମ୍‌ସି ଢେଙ୍କାନାଳରେ ପ୍ରଦାନ କରାଯାଉଥିବା 'ଓଡ଼ିଆ ସାମ୍ବାଦିକତାରେ ସ୍ନାତକୋତ୍ତର ଡିପ୍ଲୋମା ପାଠ୍ୟକ୍ରମ ଚଳିତ ବର୍ଷ ୨୫ ବର୍ଷ ପୂରଣ କରିବାକୁ ଯାଉଛି। ଏଣୁ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମର ବିଭିନ୍ନ ଦିଗ ତଥା କ୍ୟାରିୟର ସୁଯୋଗ ଏବଂ ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସଫଳତା ସଂପର୍କରେ ଆଇଆଇଏମ୍‌ସିର ଅଧ୍ୟାପକ, ଅଧ୍ୟାପିକା ଆଲୋଚନା କରିଛନ୍ତି। ଏହାସହ ଏହି ସାମ୍ବାଦିକତା, ଲୋକସମ୍ପର୍କ, କର୍ପୋରେଟ୍ ଯୋଗାଯୋଗ, ସରକାରୀ କ୍ଷେତ୍ର ଆଦିରେ ରହିଥିବା ସୁଯୋଗ ଉପରେ ବିସ୍ତୃତ ଭାବେ ଉପସ୍ଥାପନ କରିଛନ୍ତି। ପ୍ରାରମ୍ଭରେ ଓଡ଼ାପଡ଼ା ପଂଚାୟତ ସମିତି ମହାବିଦ୍ୟାଳୟର ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ସେହିପରି ଓଡ଼ିଆ ବିଭାଗର ରିଡର ଗୁରୁଚରଣ ରାଉତରାୟ, ଇଂରାଜୀ ବିଭାଗର ଅଧ୍ୟାପକ ତଥା କ୍ୟାରିୟର କାଉନ୍‌ସିଲିଂ ସେଲ୍‌ର ସଂଯୋଜକ ବିଜୟ କୁମାର ସାହୁ, ଅର୍ଥନୀତି ବିଭାଗର ଅଧ୍ୟାପିକା ନୟନା ବରାଳ ଓ ରସାୟନ ବିଭାଗର ଅଧ୍ୟାପକ ପ୍ରଣବ କୁମାର ହୋତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ତୃତୀୟ ବର୍ଷର ପ୍ରାୟ ୧୪୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

